# ଗ୍ୟାସ୍ ସିଲିଣ୍ଡର କଳାବଜାର ରୋକିବାକୁ ପ୍ରଶାସନର ପଦକ୍ଷେପ

## ବିଭିନ୍ନ ବାଣିଜ୍ୟିକ ଅନୁଷ୍ଠାନରେ ଚଢ଼ାଉ

ଗୁଣପୁର,୨୭।୩ (ସୁଜାତା ପାଢ଼ୀ/ସଂକେତ ପାତ୍ର)

ରାୟଗଡ଼ା ଜିଲାରେ ଗ୍ୟାସ୍ ସିଲିଣ୍ଡର କଳାବଜାର ରୋକିବାକୁ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କ ତତ୍ତ୍ୱାବଧାନରେ ଗୁଣପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ବିଭିନ୍ନ ହୋଟେଲ, ବାଣିଜ୍ୟିକ ପ୍ରତିଷ୍ଠାନରେ ବେଆଇନ ଭାବେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର ହେଉଥିବା ଜିଲାପାଳ ଓ ଉପ ଜିଲାପାଳଙ୍କ ନଜରକୁ ଆସିବାପରେ ଶୁକ୍ରବାର ପ୍ରଶାସନ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ଚଢ଼ାଉ ହୋଇଛି । ଗୁଣପୁର ସହରର ଭାମ୍ପି କ୍ରିଷ୍ଟା, ଗ୍ରୀନ୍ ଚିଲ୍ଲୀ, ନ୍ୟୁ ଗ୍ରୀନ୍ ଚିଲ୍ଲୀ, ଆର୍‌କେ, ହାଇଦ୍ରାବାଦ ବିରିୟାନି, ପକନ, ରେଡ଼ ଚିଲ୍ଲୀ ଭଳି ବିଭିନ୍ନ ହୋଟେଲରେ ଚଢ଼ାଉ କରାଯାଇଥିଲା। ଗୁଣପୁର ଅତିରିକ୍ତ ତହସିଲଦାର ଅଭିଲାଷ ଶତପଥୀ, ରାମନଗୁଡା ଅତିରିକ୍ତ ତହସିଲଦାର ଦୀପରାଣୀ ବେହେରା ଓ ଯୋଗାଣ ବିଭାଗ ଅଧିକାରୀ ପ୍ରଦୀପ ନାଲା ପ୍ରମୁଖ ନିଉ ଗ୍ରୀନ୍ ଚିଲ୍ଲୀ ହୋଟେଲରେ ଚଢ଼ାଉକରି ୩ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରିଛନ୍ତି। ଏଥସହିତ ହୋଟେଲରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି । ମୁନିଗୁଡା ତହସିଲଦାର ଏମ୍. ଅନୁରାଧାଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ବ୍ରଜଗୋପାଳ ଦାସ ପ୍ରମୁଖ ମୁନିଗୁଡା ଗ୍ୟାସ୍ ଗୋଦାମ, ହୋଟେଲ ଆଦିରେ ଚଢ଼ାଉକରି ବିଭିନ୍ନ ହୋଟେଲ ମାଲିକଙ୍କଠାରୁ ଘରୋଇ ଗ୍ୟାସ୍ ବ୍ୟବହାର ନ କରିବାକୁ ସ୍ୱୀକାରୋକ୍ତି ଲିଖିତ ଭାବେ ଆଦାୟ କରିଛନ୍ତି।

ସେହିପରି ରାମନଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ରାମନଗୁଡ଼ାର ବିଭିନ୍ନ ହୋଟେଲରେ ଚଢ଼ାଉ କରାଯାଇ ଘରୋଇ ଗ୍ୟାସ୍ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା । ପଦ୍ମପୁର, ଗୁଡାରି, ବିଷମକଟକ ଆଦି ସ୍ଥାନରେ ମଧ୍ୟ ତହସିଲଦାର, ଅତିରିକ୍ତ ତହସିଲଦାର, ଥାନା ଅଧିକାରୀମାନେ ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ, ଗ୍ୟାସ୍ କଳାବଜାର କରୁଥିବା ବ୍ୟକ୍ତି, ଅନୁଷ୍ଠାନ ଆଦିରେ ଚଢ଼ାଉ କରିଥିଲେ। ଘରୋଇ ଗ୍ୟାସ୍ ସିଲିଣ୍ଡର କଳାବଜାର କରୁଥିବା ବ୍ୟକ୍ତି ଅନୁଷ୍ଠାନ ପ୍ରତି ନଜର ରଖିବାକୁ ତହସିଲଦାର ଓ ଥାନା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଘରୋଇ ଗ୍ୟାସ୍ ବଣ୍ଟନ ପ୍ରତି ସୁନିଶ୍ଚିତ କରିବାକୁ ଓ ଗ୍ୟାସ୍ ମହଜୁଦ ଥିବା ଫଳକ ଗୋଦାମ, ଅଫିସ ସାମ୍ନାରେ ଟାଙ୍ଗିବାକୁ ଜିଲା ପ୍ରଶାସନ ବିଭିନ୍ନ ଗ୍ୟାସ ଏଜେନ୍ସିଙ୍କୁ ପରାମର୍ଶ ଦେଇଛନ୍ତି ।


ଗୁଣପୁରର ନ୍ୟୁ ଗ୍ରୀନ୍ ଚିଲ୍ଲୀ ହୋଟେଲରେ ଚଢ଼ାଉ କରାଯାଇ ଘରୋଇ ସିଲିଣ୍ଡର ଜବତ କରାଯାଇଛି।

## ବିଷମକଟକର ସମସ୍ତ ହୋଟେଲରେ ଚଢ଼ାଉ


ଏକ ହୋଟେଲରେ ଚଢ଼ାଉ କରାଯାଉଛି।

ବିଷମକଟକ,୨୭।୩ (ପ୍ରସନ୍ନ କୁମାର ପଣ୍ଡା)

ଗତ କିଛିଦିନ ହେଲା ସମଗ୍ର ରାୟଗଡ଼ା ଜିଲାରେ ଗ୍ୟାସ୍ ସିଲିଣ୍ଡର କଳାବଜାର ହେଉଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଷମକଟକ ବ୍ଲକ୍‌ରେ ଗ୍ୟାସ୍ ସିଲିଣ୍ଡର କଳାବଜାର ରୋକିବାକୁ ନେଇ ଶୁକ୍ରବାର ବିଷମକଟକ ତହସିଲଦାର କେ. ଭେଙ୍କଟେଶ୍ୱର ରେଡ୍ଡି ଓ ପୋଲିସ ତରଫରୁ ସହରର ସମସ୍ତ ହୋଟେଲରେ ଚଢ଼ାଉ କରାଯାଇଛି। ଘରୋଇ ଗ୍ୟାସ୍ ସିଲିଣ୍ଡର କମର୍ସିଆଲରେ ବ୍ୟବହାର କରାଯିବ ନାହିଁ ଓ ଷ୍ଟକ୍ ମଧ୍ୟ ରହିବ ନାହିଁ ବୋଲି ବିଷମକଟକ ତହସିଲଦାର କେ. ଭେଙ୍କଟେଶ୍ୱର ରେଡ୍ଡି ହୋଟେଲ ମାଲିକମାନଙ୍କୁ ସୂଚନା ଦେଇଛନ୍ତି । ଯଦି କୌଣସି ହୋଟେଲରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯାଏ ତା'ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# କ୍ଷୀରାବ୍ଧି ତନୟା ରାୟଗଡ଼ାର ନୂଆ ଉପଜିଲାପାଳ

ରାୟଗଡ଼ା, ୨୭।୩ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଉପଜିଲାପାଳ ରମେଶ ଜେନାଙ୍କ ବଦଳି ହୋଇଛି। ତାଙ୍କ ସ୍ଥାନରେ କ୍ଷୀରାବ୍ଧି ତନୟା ସାହୁ ରାୟଗଡ଼ା ଉପଖଣ୍ଡର ନୂତନ ଉପଜିଲାପାଳ ତଥା ମାଜିଷ୍ଟ୍ରେଟ୍ ଭାବରେ ନିଯୁକ୍ତ ହୋଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଶୁକ୍ରବାର ନଥି ସଂଖ୍ୟା ୯୮୭୪/ଏସ୍‌ସିଏସ୍ ପ୍ରକାରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ରାୟଗଡ଼ା ଉପଜିଲାପାଳ ରମେଶ ଜେନାଙ୍କୁ ଓଡ଼ିଶା ବିଧାନସଭା (ଓଏଲ୍ଏ) ସଚିବାଳୟର ଯୁଗ୍ମ ସଚିବ ଭାବେ ପଦୋନ୍ନତି ଦିଆଯାଇ ଅବସ୍ଥାପିତ କରାଯାଇଛି। ସେହିପରି ନଥି ସଂଖ୍ୟା ଜିଏଡି-ଏସ୍‌ଇଆର୨-ଟିପି-୦୦୦୪-୨୦୨୬-୯୮୭୩/ଏସ୍‌ସିଏସ୍ ବିଜ୍ଞପ୍ତି ପ୍ରକାରେ ପୂର୍ବତନ ଖୋର୍ଦ୍ଧା ବିଡିଓ ତଥା ବର୍ତ୍ତମାନର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ କାର୍ଯ୍ୟରତ କ୍ଷୀରାବ୍ଧି ତନୟା ସାହୁଙ୍କୁ ରାୟଗଡ଼ା ଉପଖଣ୍ଡର ନୂତନ ଉପଜିଲାପାଳ ନିଯୁକ୍ତ କରାଯାଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି । ରାୟଗଡ଼ା ଉପଜିଲାପାଳ ଜେନା ରାୟଗଡ଼ା ଉପଖଣ୍ଡର ୪ଟି ବ୍ଲକ ସମେତ ରାୟଗଡ଼ା ପୌର ପରିଷଦର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣକରି ଲୋକଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି ।

# ଶିଶୁ ମହୋତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା


ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଚାରକଙ୍କ ସହ କ୍ରୀଡାବିତ୍।

ଗୁଣପୁର,୨୭।୩ (ସୁଜାତା ପାଢ଼ୀ/ସଂକେତ ପାତ୍ର)

ଶିଶୁ ପ୍ରତିଭା ବିକାଶ ମଞ୍ଚର ଏକ ଅନନ୍ୟ ଉଦ୍ୟମ 'ଶିଶୁ ମହୋତ୍ସବ' ନିମନ୍ତେ ୨୫ରୁ ୨୭ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଶିଶୁ ପ୍ରତିଭା ବିକାଶ ମଞ୍ଚ ତରଫରୁ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁଙ୍କୁ ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ନିମନ୍ତେ ପ୍ରେରଣ କରାଯିବ । ୨୫ ଓ ୨୬ ତାରିଖ ସମସ୍ତ ବର୍ଗର ଶିଶୁଙ୍କୁ ନେଇ ସ୍ଥାନୀୟ ବଂଶଧାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ କୁଇଜ, ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ମିନି ଷ୍ଟାଡିୟମରେ ୧୦୦ମିଟର ଦୌଡ଼, ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ବ୍ୟାଡ୍ ମିଣ୍ଟନ ପ୍ରତିଯୋଗିତା, ୨୭ରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ନରସିଂହ ଶତପଥୀ, ଦିଲୀପ କୁମାର କର, ଅଶୋକ କୁମାର କର, ରାମଚନ୍ଦ୍ର ଗୌଡ଼ ପ୍ରମୁଖ ବିଚାରକ ଭାବେ ରହିଥିଲେ। ଶିଶୁ ପ୍ରତିଭା ବିକାଶ ମଞ୍ଚର ସଭାପତି ଜଗନ୍ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆବାହକ ଶକ୍ତିଦାସ ଓ ଉପ ସଭାପତି ରାଜେଶ କୁମାର ପଣ୍ଡା, ସମ୍ପାଦକ ଲକ୍ଷ୍ମୀନାରାୟଣ ମହାକୁଡ, ସହ ସମ୍ପାଦକ ଚାରୁବାଲା ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ । ଆସନ୍ତା ୨୯ ତାରିଖ ଶିଶୁ ମହୋତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ ବୋଲି କୁହାଯାଇଛି ।

# ଟିକିରିରେ ୪ର୍ଥ ପ୍ରହରୀ ନାମ ସଙ୍କୀର୍ତ୍ତନ



ଟିକିରି,୨୭।୩ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ଜାମଗୁଡାଠାରେ ରାମନବମୀ ଅବସରରେ ୪ର୍ଥ ପ୍ରହରୀ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଭୋର ୪ଟାରୁ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହୋଇଥିଲା । ଏହାପରେ ଜାମଗୁଡାଠାରୁ ଗୋକୁଲମୁଣ୍ଡା ପର୍ଯ୍ୟନ୍ତ ଏକ ପଦଯାତ୍ରା ବାହାରିଥିଲା । ଏହି ପଦଯାତ୍ରାରେ ବହୁ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି ଅବସରରେ ଜୟ ଶ୍ରୀରାମ ଧ୍ୱନୀରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଟିକିରି ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ଏମ୍‌ଏଲ୍‌ଇ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ପାଇଁ ଦାବିପତ୍ର

ଗୁଣପୁର, ୨୭।୩ (ସଂକେତ ପାତ୍ର)

ମଲ୍ଟି ଲିଙ୍ଗୁଆଲ ଏଡୁକେଶନ (ଏମ୍‌ଏଲ୍‌ଇ) ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ତ୍ୱରାନ୍ୱିତ କରିବା ପାଇଁ ଗୁଣପୁର ଅଧୀନ ପୁଟାସିଂ ଉନ୍ନୟନ ପରିଷଦ ତଥା ସୌରା ଆଦିବାସୀ ମହାସଂଘ ପକ୍ଷରୁ ଦାବି ହୋଇଛି। ଏ ନେଇ ସଂଘ ପକ୍ଷରୁ ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୁଆଁଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଶିକ୍ଷା ବିଭାଗ ଅଧୀନରେ ଏମ୍‌ଏଲ୍‌ଇ କାର୍ଯ୍ୟକ୍ରମ ଚାଲିଥିଲେ ମଧ୍ୟ ଏହାକୁ ଆହୁରି ପ୍ରଭାବଶାଳୀ କରିବା ପାଇଁ କିଛି ମୂଳଭୂତ ସୁଧାର ଆବଶ୍ୟକ ଥିବା ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଗୁଣପୁର ଜିଲା ପରିଷଦ ସଭ୍ୟ ଇଙ୍ଗାନ ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ସଦସ୍ୟ ମାଥ୍ୟୁ ଦଳବେହେରା, ଲକ୍ଷ୍ମୀ ଶବର, ଉନ୍ନୟନ ପରିଷଦର ଉପଦେଷ୍ଟା ଦାମୋଦର ଶବର, ପୁଟାସିଂ ପଞ୍ଚାୟତର ମାନେଙ୍ଗୁଲ ୱାର୍ଡମେମ୍ବର ପାସନ ଶବର, ରେଜିଂତାଲ ୱାର୍ଡ ମେମ୍ବର ରାଜେନ୍ଦ୍ର ଶବରଙ୍କ ସହ ଯୁବ ସଂଗଠକ ଅକ୍ଷୟ ଶବର ଓ ବିଭିନ୍ନ ଗ୍ରାମର ସଦସ୍ୟ ଉପସ୍ଥିତ ଥିଲେ।


ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୁଆଁଙ୍କୁ ଦାବିପତ୍ର ଦିଆଯାଉଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଆସିକା,୨୭।୩(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବିଜୁ ପଟ୍ଟନାୟକ ଛକ ସନ୍ନିକଟ ବଡନଦୀ କୂଳଠାରେ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ମୃତକ ହେଲେ ପାଟପୁର ଗାନ୍ଧୀ ଛକର କୈଳାସ ସ୍ୱାଇଁ (୪୫) । ପୋଲିସ ମୃତଦେହକୁ ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଆସିକା ଥାନାରେ ନଂ.୭/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି । ପାରିବାରିକ କଳହକୁ କେନ୍ଦ୍ର କରି ଯୁବକ ଆତ୍ମହତ୍ୟା କରିଥିବା କୁହାଯାଉଛି ।


ରାମନବମୀ ଅବସରରେ ପଦ୍ମପୁରସ୍ଥିତ ରାମ ମନ୍ଦିରରେ ସୁସଜ୍ଜିତ ୩ ଠାକୁର।

# ରାମନବମୀରେ ଶୋଭାଯାତ୍ରା, ଜୟଶ୍ରୀରାମ ଧ୍ୱନିରେ କମ୍ପିଲା ଅଞ୍ଚଳ

ରାୟଗଡ଼ା/ ଗୁଣପୁର/ ଗୁଡାରି/ ଅମ୍ବାଦଳା/ କଲ୍ୟାଣସିଂହପୁର,୨୭।୩(ଆଶିଷ ରଞ୍ଜନ ପଣ୍ଡା/ ସୁଜାତା ପାଢ଼ୀ/ପ୍ରମୋଦ କୁମାର ପତି/ରବୀନ୍ଦ୍ର ପଣ୍ଡା/ ଦୀପକ କୁମାର ପରିଡା)

ରାମନବମୀ ଅବସରରେ ରାୟଗଡ଼ା ଜିଲା ଉତ୍ସବ ମୁଖର ହୋଇପଡ଼ିଛି । ଜିଲାର ବିଭିନ୍ନ ସ୍ଥାନରେ ବିଭିନ୍ନ ସଂଗଠନ ପକ୍ଷରୁ ଶୋଭାଯାତ୍ରା କରାଯାଇଥିବା ବେଳେ ଜୟ ଶ୍ରୀରାମ ଧ୍ୱନୀରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ରାୟଗଡ଼ା ସହରରେ ଶ୍ରୀରାମ ନବମୀ ଉତ୍ସବ କମିଟି ପକ୍ଷରୁ ଆଇନଜୀବୀ ପଦ୍ମନାଭ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଶ୍ରଦ୍ଧା ଶ୍ରୀକ୍ଷେତ୍ର ନିକଟସ୍ଥ କୋଦଣ୍ଡ ରାମ ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଭେଙ୍କେଟେଶ୍ୱର ମନ୍ଦିରଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନାଗରାଜୁ, ଯୋଗେଶ୍ୱର ଦାସ, ମଞ୍ଜୁଳା ମିଣିଆକା, ଉମେଶ ଖୋସଲା, ରାଜେଶ ପାଣିଗ୍ରାହୀ, ଝରଣା ମହାନ୍ତିଙ୍କ ସହ ଶତାଧିକ ଯୁବତୀଯୁବକ ସାମିଲ ଥିଲେ । ସେହିଭଳି ଇନ୍ଦିରା ନଗର ନିକଟସ୍ଥ ରିଂ ରୋଡ଼ଠାରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରୁ ସନ୍ଧ୍ୟାରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା । ଶ୍ରଦ୍ଧାଳୁ ଏକ ଦୋଳିରେ ରାମସୀତାଙ୍କ ମୂର୍ତ୍ତି ଧରି ସହର ପରିକ୍ରମା କରିଥିଲେ ।

ପ୍ରବଳ ବର୍ଷା ସତ୍ତ୍ୱେ ଗୁଣପୁରଠାରେ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ରାମ ମନ୍ଦିରଠାରୁ ଶ୍ରଦ୍ଧାଳୁ ବାଇକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ସହର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

ଶ୍ରୀରାମ ନବମୀ ଅବସରରେ ଗୁଡାରି ସହରରେ ଏକ ବିଶାଳ ବାଇକ ରାଲି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପରିସରରୁ ଏହି ରାଲି ବାହାରି ସହର ପରିକ୍ରମା କରି ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲା। ଶ୍ରୀରାମ ମନ୍ଦିର ନିର୍ମାଣ କମିଟି, ବଜରଙ୍ଗ ଦଳ, ବ୍ୟବସାୟୀ, ସାଧାରଣ ଜନତା ପ୍ରମୁଖ ଏହି ରାଲିରେ ଯୋଗଦେଇଥିଲେ। ଜୟ ଶ୍ରୀରାମ ଧ୍ୱନି ସାଙ୍ଗକୁ ଭଗବାନ ଶ୍ରୀରାମ ଏବଂ ହନୁମାନଙ୍କ ବଡ଼ ବଡ଼ ଝଣ୍ଡା ରାଲିରେ ଦେଖିବାକୁ ମିଳିଥିଲା।

ଅମ୍ବାଦଳା ଶ୍ରୀରାମ ମନ୍ଦିର ନିର୍ମାଣ ସମିତି ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ସକାଳୁ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା, ଯଜ୍ଞ, ଭଜନ-କୀର୍ତ୍ତନ ଯୋଗୁ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ରାମ ମନ୍ଦିର ନିର୍ମାଣ ସମିତି ପକ୍ଷରୁ ଶ୍ରୀରାମ ପଡିଆଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

କଲ୍ୟାଣସିଂହପୁର ବ୍ଲକର ବୀର ବଜରଙ୍ଗୀ ଯୁବକ ସଂଘ ପକ୍ଷରୁ ଶିକାରପାଇ ଏବଂ ମାଝୀଗୁଡାରେ ରାମନବମୀ ପାଳିତ ହୋଇଯାଇଛି। ସେରିଗୁମା ଠାକୁରାଣୀ ମନ୍ଦିରରେ ଦୀପ ଜାଳି ଏକ ବିଶାଳ ବାଇକ ଶୋଭାଯାତ୍ର ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ୫୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇ ଶିକରପାଇ ଟାଉନ ପରିକ୍ରମା କରି ମାଝୀଗୁଡା ହନୁମାନ ମନ୍ଦିର ପାଖରେ ପହଞ୍ଚିଥିଲେ। ସେଠାରେ ସାମୂହିକ ହନୁମାନ ଚାଳିଶା ପାଠ ସହ ଭଜନ କୀର୍ତ୍ତନ ଓ ପ୍ରସାଦସେବନ କରାଯାଇଥିଲା । ଏଥିରେ ବୀର ବଜାରଙ୍ଗୀ ଯୁବକ ସଂଘର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ସେହିପରି କଲ୍ୟାଣସିଂହପୁର ଟାଉନରେ ଥିବା ରାମ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା।


ରାୟଗଡ଼ାରେ ଆୟୋଜିତ ଶୋଭାଯାତ୍ରା ।


ଗୁଡାରିରେ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି ।

# ଶ୍ରୀରାମ ନବମୀରେ ଭାଗବତ କଥାମୃତ

ପଦ୍ମପୁର,୨୭।୩ (ପ୍ରଶାନ୍ତ କୁମାର କର)

ଶ୍ରୀରାମ ନବମୀ ପାଳନ ଅବସରରେ ପଦ୍ମପୁରସ୍ଥିତ ରାମମନ୍ଦିର ପରିସର ଶ୍ରୀମଦ୍ ଭାଗବତ କଥାମୃତ ସହ ରାମଚରିତ ମାନସ ଆୟୋଜିତ ହୋଇଛି। ବିନା ସତ୍‌ସଙ୍ଗରେ ମନୁଷ୍ୟର ବିବେକ ଉଦୟ ହୁଏନାହିଁ କି ଶ୍ରୀରାମଚନ୍ଦ୍ରଙ୍କ ବିନା କୌଣସି ସୁଲଭ କାର୍ଯ୍ୟ ହୋଇପାରେ ନାହିଁ ବୋଲି ପ୍ରବଚନ ମାଧ୍ୟମରେ ପ୍ରବକ୍ତା ଶ୍ୟାମାନନ୍ଦ ମହାରାଜ ମତବ୍ୟକ୍ତ କରିଛନ୍ତି। ମହନ୍ତ ମଦନ ଗୋପାଳ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ଚୈତ୍ର ଶୁକ୍ଳ ପକ୍ଷ ଦ୍ୱିତୀୟଠାରୁ ନବମୀ ପର୍ଯ୍ୟନ୍ତ ଆୟୋଜିତ ଶ୍ରୀମଦ୍ ଭାଗବତ କଥାମୃତରେ ପ୍ରବକ୍ତା ଶ୍ୟାମାନନ୍ଦ ମହାରାଜ ଭଗବାନ୍‌ଙ୍କ କଥାମୃତକୁ ପରିବେଷଣ କରିଥିଲେ। ୯ଦିନ ବ୍ୟାପୀ ଅନୁଷ୍ଠିତ କଥାମୃତ ଶ୍ରବଣ କରିବାକୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଏହି ଉପଲକ୍ଷେ ମନ୍ଦିର ପରିଚାଳନା କମିଟି ସମସ୍ତ ସଦସ୍ୟଙ୍କ ସହଯୋଗରେ ଶୁକ୍ରବାର ଠାକୁରମାନଙ୍କ ପୂଜାହୋମ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଆରତି ଦର୍ଶନ ସହ ନଗର ପରିକ୍ରମା ପଟୁଆର ସହ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା ମନ୍ଦିର ତରଫରୁ କରାଯାଇଥିଲା।



ମହନ୍ତ ପ୍ରବଚନ ଦେଉଛନ୍ତି।

**ସଂକ୍ଷେପରେ**

## ବଡ଼ଗଡ଼ ଥାନା ଓଡ଼ିଶାରେ ଶ୍ରେଷ୍ଠ

ଛତ୍ରପୁର,୨୭।୩(ଦିଲୀପ ସାମଲ)

ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ଗଞ୍ଜାମ ପୋଲିସ ଜିଲାର ବଡ଼ଗଡ଼ ଥାନାକୁ ଓଡ଼ିଶାର ଶ୍ରେଷ୍ଠ ପୋଲିସ ଥାନା ଘୋଷଣା କରାଯାଇଛି। ପୋଲିସ ସେବା ଏବଂ କାର୍ଯ୍ୟଦକ୍ଷତାକୁ ଭିତ୍ତିକରି ପ୍ରତିବର୍ଷ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ପୋଲିସ ଥାନା ଗୁଡ଼ିକୁ ଚୟନ କରାଯାଇଥାଏ। କିଛି ନିର୍ଦ୍ଦିଷ୍ଟ ମାନଦଣ୍ଡ ଆଧାରରେ ଏହି ପୁରସ୍କାର ମିଳିଥାଏ। ଶ୍ରେଷ୍ଠ ପୋଲିସ ଷ୍ଟେସନ ହେବାପରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ସମସ୍ତ କର୍ମଚାରୀ, ଥାନା ଅଧିକାରୀ ଓ ଏସଡିପିଓଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରୁ ଏହି ସୂଚନା ମିଳିଛି।

## ଚଳନ୍ତା ଟ୍ରେନ୍‌ରୁ ଡେଇଁ ଯୁବକ ଆହତ

ଛତ୍ରପୁର,୨୭।୩(ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ନିକଟରେ ଚଳନ୍ତା ଟ୍ରେନରୁ ଖସି ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ କେନ୍ଦୁଝର ଜିଲା ଗୁଣ୍ଡପୁର ଅଞ୍ଚଳର ବିକ୍ରମ ମୁଣ୍ଡା। ତାଙ୍କ ଗୋଡ଼ ଏବଂ ପିଠିରେ ଗଭୀର ଆଘାତ ଲାଗିଛି। ବିକ୍ରମ ବିଶାଖାପାଟଣାରେ ଶ୍ରମିକ ଭାବେ କାମ କରନ୍ତି। ଘରେ କୌଣସି କାମ ପଡ଼ିବାରୁ ସେଠାରୁ ସେ ଟ୍ରେନରେ ଭୁବନେଶ୍ୱର ଫେରୁଥିଲେ । ଛତ୍ରପୁର ନିକଟରେ ସେ ହଠାତ୍ ଟ୍ରେନରୁ ଡେଇଁ ପଡିଥିଲେ। ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଛନ୍ତି। ଖବରପାଇ ରେଲୱେ ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବେଆଇନ ବାଲିଘାଟରେ ଚଢ଼ାଉ ବିଏନ୍‌ଏସ୍ ୧୬୩ ଲାଗୁକଲା ପ୍ରଶାସନ

କବିସୂର୍ଯ୍ୟନଗର,୨୭।୩(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଭାରପ୍ରାପ୍ତ ଅଧିକାରୀ ନୀତେଶ କୁମାର ମିଶ୍ର ବେଆଇନ ବାଲିଘାଟ ଓ ଚାଲାଣକାରୀଙ୍କ ଉପରେ ଚଢ଼ାଉ କରୁଛନ୍ତି। ଶୁକ୍ରବାର ପୁରୁଷୋତ୍ତମପୁର ତହସିଲ ଅଧିନ ମହାଛାଇ ଗ୍ରାମ ପାଖ ଋଷିକୁଲ୍ୟା ନଦୀରୁ ବେଆଇନ ଭାବେ ଚାଲିଥିବା ବାଲିଘାଟ ଉପରେ ଚଢ଼ାଉ ହୋଇଛି। ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ ବହୁ ପୋଲିସ କର୍ମଚାରୀ ଓ ପୁରୁଷୋତ୍ତମପୁର ତହସିଲଦାର, ମାଇନିଙ୍ଗ ଅଧିକାରୀ ଅଚାନକ ଚଢ଼ାଉ କରି ନଦୀ ଭିତରେ ଥିବା ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଉକ୍ତ ବାଲିଘାଟରେ ବିଏନଏସ ୧୬୩ ଲାଗୁ କରାଯାଇଛି । ଘାଟକୁ ସଂଯୋଗ କରୁଥିବା ରାସ୍ତାକୁ ଖୋଳି ଘାଟରେ ଲାଲ ପତାକା ଲଗାଇଛି ପ୍ରଶାସନ ।

# ବ୍ୟକ୍ତିଗତ ପାଇଖାନା ନିର୍ମାଣରେ ଦୁର୍ନୀତି ଅଭିଯୋଗ

### ଅଧିକାରୀଙ୍କ ବଦଳି ପରେ ରେକର୍ଡପତ୍ର ଗାଏବ

ନବରଙ୍ଗପୁର,୨୭।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍‌ର ୩ ପଞ୍ଚାୟତରେ ବ୍ୟକ୍ତିଗତ ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ସେହି ସମୟର ବିଡିଓ, କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ପରେ ସେମାନଙ୍କ ସହିତ ଫାଇଲ୍ ଓ ରେକର୍ଡପତ୍ର ମଧ୍ୟ ଗାଏବ ହୋଇଯାଇଛି। ଅନ୍ୟପକ୍ଷେ ଏହି ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଜିଲା ପ୍ରଶାସନ ୩ଜଣିଆ କମିଟି ଗଠନକରି ବ୍ଲକକୁ ପଠାଇଥିଲା। କିନ୍ତୁ କମିଟି ନିକଟରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ ଯୋଜନାର କୌଣସି ରେକର୍ଡପତ୍ର ଦେଖାଇବାରେ ବ୍ଲକ ପ୍ରଶାସନ ବିଫଳ ହୋଇଥିଲା। କମିଟି ବ୍ଲକ ପ୍ରଶାସନର ବିଫଳତାକୁ ନେଇ ରିପୋର୍ଟରେ ଉଲ୍ଲେଖ କରିଥିଲା। ତେବେ ୧୫ଦିନ ମଧ୍ୟରେ ବ୍ୟକ୍ତିଗତ ପାଇଖାନାର ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିବାକୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନନ୍ଦାହାଣ୍ଡି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଦୀର୍ଘ ୩ ମାସ ବିତିଯାଇଥିଲେ ମଧ୍ୟ ନନ୍ଦାହାଣ୍ଡି ବିଡିଓ ପାଇଖାନା ଯୋଜନାର କୌଣସି ରିପୋର୍ଟ ଏଯାଏ ପ୍ରଦାନ କରି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ଯୋଗାଯୋଗ କରିବାରୁ ବ୍ୟକ୍ତିଗତ ପାଇଖାନା ଯୋଜନାର ରେକର୍ଡଗୁଡିକ ୨୦୧୫ରୁ ୨୦୨୧ ଆର୍ଥିକ ବର୍ଷର ହୋଇଥିବାବେଳେ ସେହି ସମୟରେ ସେ ବ୍ଲକ୍ ଦାୟିତ୍ୱରେ ନ ଥିଲେ ବୋଲି ସଫେଇ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଯୋଜନାର ରିପୋର୍ଟ ପ୍ରସ୍ତୁତ ହୋଇଯାଇଛି। ଅଳ୍ପଦିନ ମଧ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

ପ୍ରକାଶ ଯେ, ନନ୍ଦାହାଣ୍ଡି ବ୍ଲକ୍‌ର ମେଣ୍ଟ୍ରି, ଧଣ୍ଡରା ଓ ଜଗନ୍ନାଥପୁର ପଞ୍ଚାୟତରେ ୧୨ ହଜାର ଟଙ୍କିଆ ପାଇଖାନା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନନ୍ଦାହାଣ୍ଡି ବ୍ଲକ୍ ବିଞ୍ଜିଗୁଡା ଗାଁର ମକରନ୍ଦ ବାଘ ୨୦୨୫ ଅଗଷ୍ଟ ୪ରେ ଜିଲାପାଳଙ୍କ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଥିଲେ। ଏଭଳିକି ଜଣେ ହିତାଧିକାରୀଙ୍କୁ ୨ଥର ଲେଖାଏ ପାଇଖାନା ଯୋଜନାରେ ସାମିଲ କରାଯାଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ସେହି ଗୋଟିଏ ହିତାଧିକାରୀଙ୍କ ତାଲିକା ରହିଛି । ସେଭଳି ହିତାଧିକାରୀଙ୍କ ବାପାଙ୍କ ନାଁ ଠିକ୍ ଭାବେ ଲେଖାଯାଇନି । ଆଉ କେଉଁଠି ହିତାଧିକାରୀ ନିଜେ ପାଇଖାନା ନିର୍ମାଣ କରିଥିବା ବେଳେ ସେମାନଙ୍କୁ ଏଯାଏଁ ୧୨ହଜାର ଟଙ୍କା ମିଳିନି । ଏଭଳି ଗୋଟିଏ କି ଦୁଇଟି ନୁହେଁ ୩ଟି ପଞ୍ଚାୟତରେ ଶତାଧିକ ପାଇଖାନା ପାଇଁ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ମକରନ୍ଦ ବାଘ ଅଭିଯୋଗ କରିଥିଲେ ।

# ସାର ବିକ୍ରି ବନ୍ଦ ପାଇଁ ରିଟେଲ ବିକ୍ରେତାଙ୍କୁ ତାଗିଦ


କୃଷି ଅଧିକାରୀ ସାର ଦୋକାନରେ ପହଞ୍ଚି ସଚେତନ କରୁଛନ୍ତି।

ତେନ୍ତୁଲିଖୁଣ୍ଟି,୨୭।୩ (ଚିଦାନନ୍ଦ ସାହୁ)

ଯୁଦ୍ଧ ପରିସ୍ଥିତି ପାଇଁ ଖରିଫ୍ ଋତୁରେ ସାର ଅଭାବ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ତେଣୁ ଏଭଳି ପରିସ୍ଥିତିରୁ ମୁକ୍ତି ପାଇଁ ବର୍ତ୍ତମାନ ସାର ବିକ୍ରି ବନ୍ଦ କରିବାକୁ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ଥିବା ଲାଇସେନ୍ସଧାରୀ ସାର ବିକ୍ରେତାଙ୍କ ନିକଟରେ କୃଷି ବିଭାଗ ଅଧିକାରୀ ପହଞ୍ଚି ତାଗିଦ କରିଛନ୍ତି। ଅନଧିକୃତ ସାର ବିକ୍ରି ଉପରେ ଅଙ୍କୁଶ, ବେଆଇନ ଭାବେ ବିକ୍ରି ହେଉଥିବା ସାର ଜବତ କରିବା, ବେଆଇନ ବିକ୍ରେତାଙ୍କ ଉପରେ ଆଇନଗତ ତଥା ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପରବର୍ତ୍ତୀ ସରକାରୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଦୋକାନୀ ସାର ବିକ୍ରି ବନ୍ଦ କରିବାକୁ ସଚେତନ କରାଯାଇଥିଲା। ଭାରପ୍ରାପ୍ତ ଏଡିଏଓ ବରୁଣ ଧନଫୁଲ, ବ୍ଲକ ସହକାରୀ କୃଷି ଅଧିକାରୀ ଫର୍ଟିଲାଇଜର ଇନ୍ସପେକ୍ଟର ପ୍ରତିଭା ତିରିଆ ଓ କୃଷି ଓଭରସିୟର ଧୀରେନ ବେନ୍ୟା , ଜିତେନ୍ଦ୍ର ଟାକ୍ରି, ଏଟିଏମ୍ ବାଳଗୋବିନ୍ଦ ସାହୁ, ଆଶିଷ ପରିଡ଼ା ପ୍ରମୁଖ ପ୍ରତି ବ୍ଲକ୍‌ରେ ଥିବା ଲାଇସେନ୍ସ ଧାରୀ ୩୪ ଟି ସାର ଦୋକାନରେ ପହଞ୍ଚି ଯାହାବି ଷ୍ଟକ ଅଛି ସେହି ଷ୍ଟକରୁ କିଛି ବିକ୍ରି ନ କରିବାକୁ ସରକାରୀ ଆଦେଶ ଆସିଛି, ତାର ଅନୁପାଳନ କରିବାକୁ କହିଥିଲେ।

# ୨୮୩୭ ଗଞ୍ଜେଇ ଗଛ ନଷ୍ଟ, ୧୦ ଗିରଫ

ଉମରକୋଟ,୨୭।୩ (ସନ୍ତୋଷ ସତପଥୀ)

ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ପୋଲିସକୁ ବଡ ସଫଳତା ମିଳିଛି। ଜିଲାର ରାଇଘର ଓ କୁନ୍ଦେଇ ଥାନା ଅଞ୍ଚଳରେ ଜିଲା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ପ୍ରାୟ ୬ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟକରି ୧୦ ଜଣଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଉମରକୋଟ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଜିଲା ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ୍ ଏ ନେଇ ସୂଚନା ଦେଇଛନ୍ତି।

ନବରଙ୍ଗପୁର ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ଓ ପାପଡାହାଣ୍ଡି ପୋଲିସ ଉପଖଣ୍ଡ ଅଧିକାରୀ, ଉମରକୋଟ, ରାଇଘର, କୁନ୍ଦେଇ, ଡାବୁଗାଁ ଥାନା ଅଧିକାରୀ ଓ ୧ ପ୍ଲାଟୁନ ଡିଭିଏଫ୍ ପୋଲିସ ମିଳିତ ଭାବରେ ରାଇଘର ଥାନା ଅନ୍ତର୍ଗତ ହାତୀଗାଁ ସଂରକ୍ଷିତ ଜଙ୍ଗଲ ଅଧୀନରେ ଆସୁଥିବା ନୂଆପାରା ଓ କେରମେଟା ଗ୍ରାମ, କୁନ୍ଦେଇ ଥାନା ଅନ୍ତର୍ଗତ ଖୁଡୁକ ସଂରକ୍ଷିତ ଜଙ୍ଗଲ ଅଧୀନରେ ଆସୁଥିବା ଖୁଡୁକ ଓ ମାଦାନଶ୍ରୀ ଗ୍ରାମରେ ଚଢାଉକରି ୬ ଏକର ପଟ୍ଟା ଓ ଜଙ୍ଗଲ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରିଛନ୍ତି। ୨୮୩୭ ଗଞ୍ଜେଇ ଗଛ ନଷ୍ଟ ହେଉଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୨୩ ଲକ୍ଷ ୮୭ ହଜାର ଟଙ୍କା ହେବ ବୋଲି ଜିଲା ପୋଲିସ ସୂଚନା ଦେଇଛି। ବେନିୟମ ଗଞ୍ଜେଇ ଚାଷ କରିବା ଅଭିଯୋଗରେ ପୋଲିସ ସ୍ଥାନୀୟ ଅଞ୍ଚଳର ୧୦ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କାମାକା ଧାଡିଶି ଗ୍ରାମର ବିଦେଶ ଗଣ୍ଡ (୨୪), ନୂଆପାରାର ଆସିରାମ ଗଣ୍ଡ (୪୦), ଗରଞ୍ଜୀର କୃଷ୍ଣ ଗଣ୍ଡ (୩୮), କାରାମେଟାର ବାଲ ସିଂ ଗଣ୍ଡ (୫୦), କରମେଟାର ପୁନେସ ରାମ କସେରିୟା (୪୬), ଖୁଡୁକୁର ସୁକାନ୍ତ ଗଣ୍ଡ (୬୦), ରାଜପୁରର ସନ୍ଦୀପ ଗଣ୍ଡ (୨୦), ଦଲସାଇ ଗଣ୍ଡ (୨୨) ମତିରାମ ଗଣ୍ଡ (୩୦) ଓ ଅଡମାଧାମକିଗାଁର ଝୁନାରାମ ଗଣ୍ଡ (୪୫)। ସମସ୍ତ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବା ପରେ ଉମରକୋଟ ଜେଲକୁ ପଠାଇ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଜିଲା ଇନ୍‌ଚାର୍ଜ ଏସ୍‌ପି ଆଦିତ୍ୟ ସେନ, ଉମରକୋଟ ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଉମରକୋଟ ଥାନା ଅଧିକାରୀ ବିପିନ କୁମାର ବାଗ, କୁନ୍ଦେଇ ଥାନା ଅଧିକାରୀ ପ୍ରଦୀପ ଶବର, ରାଇଘର ଥାନା ଅଧିକାରୀ ଟିକେଚାନ୍ଦ କପୁଆ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

## ତବଲା ବାଦକଙ୍କ ମୃତ୍ୟୁ

ଗଞ୍ଜାମ,୨୭।୩ (ବିଦ୍ୟାଧର ସାହୁ)

ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମର ତବଲା ମାଷ୍ଟରଙ୍କ ମୃତ୍ୟୁ ଘଟିଛି। ସେ ଲକ୍ଷ୍ମଣ କୁମାର ତରାଇ (୭୨)। ସେ ଗତ କିଛି ମାସ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ଋଷିକୂଲ୍ୟା ନଦୀର ମିଳନ ସ୍ଥଳ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ମୃତ୍ୟୁ ଶଯ୍ୟା ଠାରେ ସ୍ତ୍ରୀ ପୁଅ ବୋହୁ ଝିଅ ଜ୍ୱାଇଁ ନାତି ନାତୁଣୀ ଉପସ୍ଥିତ ଥିବା ବେଳେ ଏକ ମାତ୍ର ପୁଅ ନିରଞ୍ଜନ ତରାଇ ମୁଖାଗ୍ନି ଦେଇଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଆସିକା,୨୭।୩(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ବିଜୁ ପଟ୍ଟନାୟକ ଛକ ସନ୍ନିକଟ ବଡନଦୀ କୂଳଠାରେ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ମୃତକ ହେଲେ ପାଟପୁର ଗାନ୍ଧୀ ଛକର କୈଳାସ ସ୍ୱାଇଁ (୪୫) । ପୋଲିସ ମୃତଦେହକୁ ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଆସିକା ଥାନାରେ ନଂ.୭/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି । ପାରିବାରିକ କଳହକୁ କେନ୍ଦ୍ର କରି ଯୁବକ ଆତ୍ମହତ୍ୟା କରିଥିବା କୁହାଯାଉଛି ।

## ରାମନବମୀରେ ବାଇକ୍ ଶୋଭାଯାତ୍ରା


ରାଲିରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଅନ୍ୟମାନେ।

ଉମରକୋଟ,୨୭।୩ (ସନ୍ତୋଷ ଶତପଥୀ)

ଉମରକୋଟ ଦଶହରା ପଡ଼ିଆଠାରେ ଥିବା ରାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରାମ ନବମୀ ମହା ଆଡ଼ମ୍ବରରେ ପାଳିତ ହୋଇଛି। ଶୁକ୍ରବାର ସକାଳେ ବହୁ ଶ୍ରଦ୍ଧାଳୁ ରାମଙ୍କ ସୁସଜ୍ଜିତ ରଥ ଧରି ରାମ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲେ । ପରେ ରାମ ମନ୍ଦିର ପରିସରରେ ହୋମଯଜ୍ଞ ଅନୁଷ୍ଠିତ ହେଇଥିଲା । ଏହି ଅବସରରେ ପ୍ରାୟ ୨ ହଜାର ଲୋକଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ସନ୍ଧ୍ୟା ୬ ଟାରେ ସ୍ଥାନୀୟ ରାମ ମନ୍ଦିରଠାରୁ ଏକ ବିଶାଳ ବାଇକ ରାଲିରେ ବାହାରି ସହର ପରିକ୍ରମା କରିଥିଲା । ବାଇକ ରାଲିରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ସଂଖ୍ୟାରେ ସାଧାରଣ ଲୋକେ ଯୋଗ ଦେଇଥିଲେ। ଏହି ସମୟରେ ଜୟ ଶ୍ରୀରାମ ଧ୍ୱନୀରେ ସହର ପ୍ରକମ୍ପିତ ହୋଇଥିଲା ।

## ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର


ଏମ୍‌ପି ବଳଭଦ୍ର ମାଝି ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ଚନ୍ଦାହାଣ୍ଡି,୨୭।୩ (ହିମାଂଶୁ ଦାସ)

ଚନ୍ଦାହାଣ୍ଡି ବ୍ଲକ୍ ଅଧୀନ ଦଳବେଡ଼ା ଗ୍ରାମ କଲ୍ୟାଣ ମଣ୍ଡପଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତାଙ୍କ ପାର୍ଟି ପ୍ରତି ଅବଦାନ ବିଷୟରେ ବର୍ଣ୍ଣନା କରିଥିଲେ। ଭାଜପା ପ୍ରତି ଦୀନଦୟାଲଙ୍କ ଅବଦାନ ସମ୍ପର୍କରେ ଏମ୍‌ପି ମାଝୀ ସମସ୍ତ କର୍ମୀଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସୁଦାମ ତିୱାରୀ, ମଣ୍ଡଳ ସଭାପତି ତରନ ନାୟକ, ଭୋଦେବ ବାଗ, ଗୋବିନ୍ଦ ଜୈନ, ମୋହନ ନାୟକ, ବସନ୍ତ ମାଝୀ, ମାଲଗାଁ ମଣ୍ଡଳ ଟିମ ପଞ୍ଚାୟତ ପ୍ରମୁଖ ଏବଂ ବୁଥ୍ ପ୍ରମୁଖ ତଥା ମଣ୍ଡଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ଚାଷୀଙ୍କୁ ସହାୟତା


ଲ୍ୟାମ୍ପସ କର୍ମଚାରୀ ଚାଷୀ ପ୍ରଭୁ ବାଘଙ୍କ ଚକ୍ଷୁସ୍କାନ କରୁଛନ୍ତି।

ଚନ୍ଦାହାଣ୍ଡି, ୨୭।୪ (ହିମାଂଶୁ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଭାଲୁଡଙ୍ଗରି ଗ୍ରାମର ଜଣେ ଭିନ୍ନକ୍ଷମ ଚାଷୀ ପକ୍ଷାଘାତ ରୋଗରେ ପୀଡିତ ଥିବା ସହ ଶଯ୍ୟାଶାୟୀ ଥିବାରୁ ଧାନ ବିକ୍ରି ପାଇଁ ମଣ୍ଡିକୁ ଯିବା ତଥା ଆବଶ୍ୟକ ସରକାରୀ ବ୍ୟବସ୍ଥା ମାନିବା ସମ୍ଭବପର ହୋଇପାରୁନାହିଁ। ତେଣୁ ଶୁକ୍ରବାର ଲ୍ୟାମ୍ପସ କର୍ମଚାରୀ ଭାଲୁଡଙ୍ଗରି ଗ୍ରାମର ଭିନ୍ନକ୍ଷମ ଚାଷୀ ପ୍ରଭୁ ବାଘଙ୍କ ଘରକୁ ଯାଇ ତାଙ୍କ ଚକ୍ଷୁ ସ୍କାନ କରିବା ସହ ତାଙ୍କ ଧାନ ବିକ୍ରି ପାଇଁ ଆବଶ୍ୟକ ବ୍ୟବସ୍ଥା କରିଛନ୍ତି।

ସୂଚନାନୁଯାୟୀ ଚାଷୀ ପ୍ରଭୁ ବାଘ ପକ୍ଷାଘାତ ରୋଗରେ ପୀଡିତ ଥିବା ସହ ଭିନ୍ନକ୍ଷମ ହୋଇ ଶଯ୍ୟାଶାୟୀ ରହିଛନ୍ତି। ତେଣୁ ମଣ୍ଡିରେ ଧାନ ବିକ୍ରି ପାଇଁ ଯିବାକୁ ଅସମର୍ଥ ଥିବାରୁ ଧାନ ବିକ୍ରି ସମସ୍ୟା ନେଇ ତାଙ୍କ ପରିବାର ଚିନ୍ତିତ ରହିଥିଲେ। ବରିଷ୍ଠ ଭାଜପା ନେତା ତଥା ମଣ୍ଡଳ ସଭାପତି ଭୋଦେବ ବାଘ ଓ ସରୋଜ ଅଗସ୍ତି ଖବରପାଇ ଲ୍ୟାମ୍ପସ କର୍ମଚାରୀଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ । ଲ୍ୟାମ୍ପ୍‌ସ କର୍ମଚାରୀ ଗଜପତି ନାଗେଶ ଓ ଅନ୍ୟ କର୍ମଚାରୀ ଶୁକ୍ରବାର ପ୍ରଭୁ ବାଘଙ୍କ ଘରକୁ ଯାଇ ଚକ୍ଷୁସ୍କାନ କରିବା ସହ ତାଙ୍କ ଧାନ ବିକ୍ରି ପାଇଁ ଆବଶ୍ୟକ ବ୍ୟବସ୍ଥା କରିଛନ୍ତି। ଏହି ସହଯୋଗ ପାଇଁ ପରିବାର ଲୋକେ ଓ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବୁଗୁଡା,୨୭।୩(କାଳୀଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ହାତୀଗଣ୍ଡ ଗ୍ରାମରେ ଜଣେ ବିଧବା ମହିଳା ପୋଖରୀରେ ବୁଡି ମୃତ୍ୟୁ ହୋଇଛନ୍ତି। ସେ ହେଲେ ମେଘ ନାଇକ(୫୭)। ପ୍ରକାଶ ଯେ, ଶୁକ୍ରବାର ସକାଳେ ମେଘ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଅପରାହ୍ନରେ ତାଙ୍କର ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦର୍ଶକଙ୍କ ମନ ମୋହିଲା ନାଟକ 'ଅବୋଲକରା'

### ବିଶ୍ୱ ନାଟ୍ୟ ଦିବସ

ଉମରକୋଟ,୨୭।୩ (ସନ୍ତୋଷ ସତପଥୀ)

ନବରଙ୍ଗପୁର ଜିଲାର ଅଗ୍ରଣୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ 'ଭାରତୀ କଳା ନିକେତନ' ଦ୍ୱାରା ଉମରକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଶ୍ୱ ନାଟ୍ୟ ଦିବସ ମହାସମାରୋହରେ ଆୟୋଜିତ ହୋଇଛି । ପୌରାଧ୍ୟକ୍ଷା ରାଧା ଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବଲ୍ଲଭ କୁମାର ରାଉତ, ସମ୍ମାନିତ ଅତିଥି କବି ପ୍ରଫୁଲ୍ଲ କୁମାର ରାଉତ ଯୋଗଦେଇଥିଲେ। ମଧୁସ୍ମିତା ମହାରଣା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରାରମ୍ଭରେ ଓଡିଶୀ ନୃତ୍ୟ, ସଙ୍ଗୀତ ପରିବେଷଣ ପରେ ଭାରତୀ କଳା ନିକେତନର କଳାକାରମାନେ ଅଧ୍ୟାପକ ଗୋପାଳ ମହାରଣାଙ୍କ ରଚିତ ଏବଂ ମଧୁସ୍ମିତା ମହାରଣାଙ୍କ ନିର୍ଦ୍ଦେଶିତ ନାଟକ 'ଅବୋଲକରା' ପରିବେଷଣ କରିଥିଲେ। ବରିଷ୍ଠ କଳାକାର ବିଦ୍ୟୁତ୍ କୁମାର ପାତ୍ର, ଶାନ୍ତିଲତା ମହାନ୍ତି ଏବଂ ଅମିୟ ଶଙ୍କର ତ୍ରିପାଠୀଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

ନାଟକ ସମାପ୍ତ ପରେ ଛାତ୍ରୀଛାତ୍ର ନୃତ୍ୟ, ଦଳଗତ ନୃତ୍ୟ, ବେଶ, ଏକକ ଅଭିନୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ବିଚାରକ ଭାବେ ବିବେକାନନ୍ଦ ପଟ୍ଟନାୟକ ଏବଂ ସାଗର କୁମାର ପରିଡା ଦାୟିତ୍ୱ ନିର୍ବାହ କରିଥିଲେ। କନିଷ୍ଠ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଥମ, ବରିଷ୍ଠ ଦଳଗତ ନୃତ୍ୟରେ ଶ୍ରୀମା ଅରବିନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। 'ସାଂପ୍ରତିକ ଯୁବଗୋଷ୍ଠୀ ଓ ମଞ୍ଚ ନାଟକ' ଶୀର୍ଷକ ଆଲୋଚନାଚକ୍ରରେ ଅଧ୍ୟାପିକା ଏମ୍ ମଧୁଛନ୍ଦା, ଭାସ୍କର ଚନ୍ଦ୍ର ମହାପାତ୍ର, ରାଜ କିଶୋର ନାୟକ , ସାଗର କୁମାର ପରିଡା ଏବଂ ମାନସ ରଞ୍ଜନ ନାୟକ ନିଜ ନିଜର ମତାମତ ରଖିଥିଲେ ।


ନାଟକ 'ଅବୋଲକରା'ର ଏକ ଦୃଶ୍ୟ।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

ରାଇଘର/ ତେନ୍ତୁଲିଖୁଣ୍ଟି , ୨୭।୩ (କିରଣ କୁମାର ପଟ୍ଟନାୟକ/ ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକ୍‌ରେ ଧୁମଧାମରେ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ରାମନବମୀ ଉତ୍ସବରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କ ଶୋଭାଯାତ୍ରା, ବାଇକ୍ ରାଲି ସହ ଜୟ ଶ୍ରୀରାମ ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ରାଇଘର ଜଗନ୍ନାଥ ମନ୍ଦିରଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଉପରେ ତରଙ୍ଗ ଲଗାଇ ସାଜସଜ୍ଜା କରାଯାଇଥିଲା।


ତେନ୍ତୁଲିଖୁଣ୍ଟିଠାରେ ବାଇକ୍ ଶୋଭାଯାତ୍ରା।

### ବିଭିନ୍ନ ସ୍ଥାନରେ ରାମନବମୀ ପାଳିତ

ସକାଳୁ ରାମମନ୍ଦିରରେ ନୀତିନିୟମ ଅନୁଯାୟୀ ପୂଜାପାଠ କରିବା ପରେ ମଧ୍ୟାହ୍ନରେ ହନୁମାନ ମନ୍ଦିର ନିକଟରେ ୨ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା । ଅପରାହ୍ନ ୫ଟାରେ ଏକ ବିଶାଳ ଶୋଭାଯାତ୍ରା ରାମ ମନ୍ଦିର ନିକଟରୁ ବାହାରି ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ପ୍ରତିନିଧି ପ୍ରୀତିସ୍ମିତା ମହାପାତ୍ର, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ରାଇଘର ବିଶ୍ୱହିନ୍ଦୁ ପରିଷଦ ସଭାପତି କିରଣ ପଟ୍ଟନାୟକ, ବଜରଙ୍ଗ ଦଳର ବିକେନ୍ଦ୍ର ଶ୍ରୀବସ୍ତାବ, ମୋହନ ସାହୁ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସୁକେଶ ମିଶ୍ରା,ଶକ୍ତି ଜେନା, ମୋନହର ଦଣ୍ଡସେନାଙ୍କ ସମେତ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥିଲା। କୁନି କୁନି ପିଲା ରାମ, ସୀତା, ହନୁମାନ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।

ସେହିପରି ତେନ୍ତୁଲିଖୁଣ୍ଟିଠାରେ ଜିଲା ବିଶ୍ୱ ହିନ୍ଦୁ ପରିଷଦ ଉପ ସଭାପତି ଏମ୍ ଆନନ୍ଦ ରାଓଙ୍କ ତତ୍ତ୍ୱାବଧାନରେ ଇନ୍ଦ୍ରାବତୀଠାରୁ ଏବଂ ବରିଷ୍ଠ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତା ସୁର ରାଉତଙ୍କ ନେତୃତ୍ୱରେ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ପରିଷଦର ବ୍ଲକ ସାଧାରଣ ସମ୍ପାଦକ ଅକ୍ଷୟ ମହାନ୍ତି ଓ ଶିବ ଶଙ୍କର ସାହୁଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଇନ୍ଦ୍ରାବତୀରୁ ବାହାରି ବାରଙ୍ଗପଦର, ଝୁଣ୍ଟିଆ ଗୁଡ଼ା, ଗୋଟିପୁଟ, ବେଜ୍ଜୁଗୁଡା, ଲମତାଗୁଡା ଦେଇ କୁର୍ମାକୋଟ ଛକରେ ପହଞ୍ଚିଥିଲେ। ସେହିପରି ତେନ୍ତୁଲିଖୁଣ୍ଟି ଦୁର୍ଗାମଣ୍ଡପଠାରେ କୁର୍ମାକୋଟ ହନୁମାନ ମନ୍ଦିର କମିଟି, ତେନ୍ତୁଲିଖୁଣ୍ଟି ଦୁର୍ଗାପୂଜା କମିଟି, ହନୁମାନ ମନ୍ଦିର, ତାରିଣୀ ମନ୍ଦିର, ଗ୍ରାମ୍ୟ ଠାକୁରାଣୀ ମନ୍ଦିର କମିଟିର ସଦସ୍ୟ ଏବଂ ଗ୍ରାମବାସୀ ମିଳିତ ଭାବେ ଗ୍ରାମ ପରିକ୍ରମା କରି ପୂଜାରୀଗୁଡା ଯାଇଥିଲେ। ସେଠାରେ ବିଭିନ୍ନ କମିଟି ସହ ମିଶି ବାଇକ୍ ରାଲି ପୂଜାରୀଗୁଡା ଗ୍ରାମ ପରିକ୍ରମାକରି ଚରାମୂଳା ରାମ ମନ୍ଦିରରେ ପହଞ୍ଚି ଥିଲା । ରାଲିରେ ବିଧାୟକ ଗୌରୀଶଙ୍କର ମାଝୀ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବି ଧରମା, ପ୍ରଶାନ୍ତ ନାୟକ, ଧରଣୀଧର ସିଂ, ଚନ୍ଦ୍ରଶେଖର ଜେନା ପ୍ରମୁଖ ସହଯୋଗ କରିଥିଲେ ।


ରାଇଘରଠାରେ ଦୁଇ ଶିଶୁ ରାମ, ସୀତା ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ଜୟଶ୍ରୀରାମ ଧ୍ୱନିରେ ଭକ୍ତଙ୍କ ଶୋଭାଯାତ୍ରା

**ଜୟପୁର/ସୁନାବେଡା/ସେମିଳିଗୁଡ଼ା/ ଦଶମନ୍ତପୁର/ କୁନ୍ଦୁରା/ ନନ୍ଦପୁର/ ପାଢୁଆ, ୨୭।୩ (ପବନ ପାଣିଗ୍ରାହୀ/କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼/ଅରବିନ୍ଦ ନାୟକ/ସନ୍ତୋଷ ପ୍ରହରାଜ/ ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)**


ସୁନାବେଡାରେ ଆୟୋଜିତ ଶୋଭାଯାତ୍ରାରେ ଗଞ୍ଜାମ କଳାକାରମାନେ ଯୋଡି ଶଙ୍ଖ ଓ ମୃଦଙ୍ଗ ବଜାଉଛନ୍ତି।

କୋରାପୁଟ ଜିଲ୍ଲା ଜୟପୁରରେ ଶ୍ରୀରାମ ନବମୀ ଶୁକ୍ରବାର ପାଳିତ ହୋଇଯାଇଛି। ରଜାନଅରଗ୍ରହିତ ରଘୁନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଲମ୍ବା ଲାଇନରେ ଠିଆ ହୋଇ ଶ୍ରୀରାମଙ୍କ ଦର୍ଶନ କରିଥିଲେ। ରଘୁନାଥ ମନ୍ଦିରରେ ୯ ଦିନ


ଜୟପୁର ମନ୍ଦିରରେ ରାମଲାଲା ଦର୍ଶନ ଦେଉଛନ୍ତି।

ଧରି ପୂଜାପାଠ,ହୋମଯଜ୍ଞ କରାଯିବା ସହ ଖେଚୁଡ଼ି, କାକରା ଭୋଗ ଲାଗି ହେବ ବୋଲି ମନ୍ଦିର ପୂଜକ ବଇଶିଧର ପଣ୍ଡା ସୂଚନା ଦେଇଛନ୍ତି। ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀହରି ସଂଘ ସେବା ସମିତି ଦ୍ୱାରା ଅଷ୍ଟପ୍ରହରି ନାମଯଜ୍ଞ ଓ ଅନ୍ନଯଜ୍ଞ ହୋଇଥିଲା। ସହରରେ ଶ୍ରୀରାମ ନବମୀ ଅବସରରେ ଶ୍ରୀରାମ ପ୍ରତିମୂର୍ତ୍ତି ଓ କଳଶକୁ ନେଇ ଶୋଭାଯାତ୍ରା କରାଯାଇଛି। ଜୟପୁର ପାୱାର ହାଉସ ଛକରୁ ବିଶାଳ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଦଶହରା ପଡିଆରେ ପହଞ୍ଚିଥିଲା। ଏଥିରେ ମହାରାଷ୍ଟ୍ରର ଢୋଲ ଆଧାମ୍ନିକ ପ୍ରଜ୍ଞାପନ ମେଢ଼ ମୁଖ୍ୟ ଆକର୍ଷଣ ଥିଲା। ଶୋଭାଯାତ୍ରାରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିଶ୍ର, ବିଡିଓ ଶକ୍ତି ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀରାମଙ୍କ ଜୟନ୍ତୀ ଅବସରରେ ସେମିଳିଗୁଡ଼ା ବସସ୍ଟାଣ୍ଡ, ସିତାରାମ ନଗର, ହାଲ ଟାଉନସିପ ୟୁ କୋନ ଓ ଗୁପ୍ତୁପୁର ବିଷ୍ଣୁ ଆଦି ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଏହି ଅବସରରେ ସନାତନୀ ସଂସ୍କୃତି ସମିତି ସେମିଳିଗୁଡ଼ା ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ଦାମନଯୋଡି ଛକରୁ ବାହାରି ୨୬ ନଂ ଜାତୀୟ ରାଜପଥ ଦେଇ କପିଳେଶ୍ୱର ମନ୍ଦିର, ଗଙ୍ଗା ମା ମନ୍ଦିର ପରେ ସେମିଳିଗୁଡ଼ା ଭେଣ୍ଡିଂ ଜୋନରେ ପହଞ୍ଚିଥିଲା। ଅବିନିଆ ବର୍ଷା ଯୋଗୁ ଶୋଭାଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ୧୦ରୁ ଉର୍ଦ୍ଧ କୀର୍ତ୍ତନ ମଣ୍ଡଳୀ, ଗଞ୍ଜାମର ପ୍ରସିଦ୍ଧ ଯୋଡି ଶଙ୍ଖ ଓ ଆମପାଣିର ପାରମ୍ପରିକ ଶିଙ୍ଗ ବାଜା ସାମିଲ ହୋଇଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, ପୂର୍ବତନ ବିଧାୟକ ରଘୁରାମ ପଡାଲ, ପୌରାଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର, ଭାଜପା ପୂର୍ବତନ ଜିଲା ସଭାପତି ସୁମନ୍ତ ପ୍ରଧାନ ଉପସ୍ଥିତ ଥିଲେ। ଦଶମନ୍ତପୁର ବ୍ଲକ ମହକୁମାରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ରାମ ନବମୀ ଉତ୍ସବ ପାଳିତ ହୋଇଛି। ଶତାଧିକ ହିନ୍ଦୁ ଧର୍ମାବଲମ୍ବୀ ଜୟରାଧାକୃଷ୍ଣ ମନ୍ଦିରଠାରୁ ରାଲି କରି ନଗର ପରିକ୍ରମା କରିଥିଲେ। ସେହିପରି କୁନ୍ଦୁରା ବ୍ଲକ ଫୁପୁଗାଁ ପଞ୍ଚାୟତ ଯୁବପାତ୍ରପୁଟସ୍ଥିତ ରାମଚନ୍ଦ୍ର ମନ୍ଦିରରେ ରାମନବମୀ ପାଳିତ ହୋଇଛି। ରୀତିନୀତି ଅନୁସାରେ ପ୍ରାତଃ ସମୟରୁ ରାମ,ଲକ୍ଷ୍ମଣ, ସୀତା ଓ ହନୁମାନଙ୍କୁ ପୂଜା କରାଯାଇଛି। ହୋମଯଜ୍ଞରେ ସନ୍ତୋଷ କୁମାର ପାଢ଼ୀ ଓ ତାଙ୍କ ଧର୍ମପତ୍ନୀ ବସିଥିଲେ। ଦୈନିକ ନାମ ସଂକୀର୍ତ୍ତନ ମାଧ୍ୟମରେ ବିମାନରେ ରାମଙ୍କ ମୂର୍ତ୍ତିକୁ ଗ୍ରାମ ପରିକ୍ରମା କରାଯାଏ। ଡଙ୍ଗରପାଉଁଶିସ୍ଥିତ ପ୍ରଗତି ଯୁବକ ପରିଷଦ ପକ୍ଷରୁ ଶୋଭାଯାତ୍ରା କରାଯାଇଛି। ନନ୍ଦପୁର ବ୍ଲକ ଅଞ୍ଚଳରେ ରାମ ନବମୀ ନୀତିକାନ୍ତି ଓ ଶୋଭାଯାତ୍ରା କରାଯାଇଛି। ନନ୍ଦପୁର ଗଡଡ ସାହିସ୍ଥିତ ରାମ ମନ୍ଦିର ଓ ରାମ ଲୀଳା ମଣ୍ଡପରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଛି। ବିଧି ମୁତାବକ ସୀତାରାମଙ୍କ ବିବାହ କରାଯାଇଥିଲା। ପାଢୁଆ ସଦର ମହକୁମାରେ ହନୁମାନ ଚାଳିଶା ପାଠ, ସୀତା ରାମ ବିବାହ ନୀତି କରାଯାଇଥିଲା। ପାଙ୍ଗୁଲୁଙ୍ଗ ପଞ୍ଚାୟତସ୍ଥିତ ବାଲ୍ମୀକି ଆଶ୍ରମରେ ପୂଜାର୍ଚ୍ଚନା ହୋଇଛି। ନନ୍ଦପୁରରେ ଯୁଗଳ ପ୍ରତିମାଙ୍କ ଶୋଭାଯାତ୍ରା କରି ନଗର ପରିକ୍ରମା କରାଯାଇଛି। ଏଥିରେ କୁନି ଛାତ୍ରୀଛାତ୍ରଙ୍କ ବିଭିନ୍ନ ପୌରାଣିକ ଚରିତ୍ରରେ ବେଶ ହୋଇଥିଲେ। ନନ୍ଦପୁର ଓ ପାଢୁଆ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଆମ ଶାବର ଶ୍ରୀକ୍ଷେତ୍ର ସେଲ୍ଫି ପଏଣ୍ଟ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ରଘୁରାମ ମାଛ ଓ ଅନ୍ୟମାନେ।

**କୋରାପୁଟ,୨୭।୩ (ଅମିତାଭ ବେହେରା)**

ରାମ ନବମୀ ଅବସରରେ କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ର ମନ୍ଦିର ସିଂଘ ଦ୍ୱାର ନିକଟ ଛକରେ ମ୍ୟୁନିସିପାଲଟି ପକ୍ଷରୁ ଆମ ଶାବର ଶ୍ରୀକ୍ଷେତ୍ର ସେଲ୍ଫି ପଏଣ୍ଟ ଶୁକ୍ରବାର ଉଦ୍‌ଘାଟନ କରାଯାଇଛି। ଏହାକୁ ସ୍ଥାନୀୟ ବିଧାୟକ ରଘୁରାମ ମାଛ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା କୋରାପୁଟକୁ ଆସୁଥିବା ପର୍ଯ୍ୟଟକଙ୍କ ସହ ସହରବାସୀ ଏହି ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ସେଲ୍ଫିର ମଜା ନେଇପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧ୍ୟକ୍ଷା ସବିତା ପଣ୍ଡା, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଓ କାଉନସିଲରମାନେ ଉପସ୍ଥିତ ଥିଲେ।

## ବଦଳିଲେ ବିଧାୟକଙ୍କ ବ୍ଲକ୍ ପ୍ରତିନିଧି

**ପଟ୍ଟାଙ୍ଗି,୨୭।୩ (ଶରତ କୁମାର ଧଳ)**


ଗୁପ୍ତଶଙ୍କର ପଟ୍ଟନାୟକ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପାଇଁ ବିଧାୟକ ରାମଚନ୍ଦ୍ର କାଡାମଙ୍କ ପ୍ରତିନିଧି ଭାବେ ଗୁପ୍ତଶଙ୍କର ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ଏ ନେଇ ବ୍ଲକ୍ ପ୍ରଶାସନକୁ ଚିଠି ନଂ. ୧୧୦/ସିଏଲ୍‌ପି/୨୬ରେ ଅବଗତ କରାଯାଇଛି। ବିଧାୟକ କାଡାମ ନିର୍ବାଚିତ ହେବାର ପ୍ରାୟ ୨ ବର୍ଷ ପରେ ଜଣେ କମ୍ ବୟସ୍କ ତଥା ସାଙ୍ଗଠନିକ ଦକ୍ଷତାକୁ ଦୃଷ୍ଟିରେ ରଖି ଗୁପ୍ତଶଙ୍କରଙ୍କୁ ନିଜ ପ୍ରତିନିଧି ମନୋନୀତ କରିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ବିଧାୟକ କାଡାମ ୱାର୍ଡ, ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ଦଳକୁ ସୁଦୃଢ଼ କରିବା ସହ ଅଧିକରୁ ଅଧିକ ଯୁବ ସମାଜ ଯୋଡ଼ି ହୋଇପାରିବା ନେଇ ସେ ଏହି ପଦକ୍ଷେପ ନେଇଥିବା କର୍ମୀଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ଗୁପ୍ତଶଙ୍କରଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଧାୟକ ବଡ଼ ଦାୟିତ୍ୱ ଦେଇଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି।

## କ୍ଷତିପୂରଣ ଦାବିରେ ଥାନା ଆଗରେ ପରିବାର ଲୋକଙ୍କ ବିକ୍ଷୋଭ


ଥାନା ସମ୍ମୁଖରେ ଲାଗିରହିଥିବା ଚାପା ଉତ୍ତେଜନା।

**ନନ୍ଦପୁର,୨୭।୩(ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର-ସେମିଳିଗୁଡା ସଂଯୋଗୀ ଏମ୍‌ଡିଆର ୫୫ ରାସ୍ତାର ଗାଲଗାଡ଼ା ବାଟମଙ୍ଗଳା ମନ୍ଦିର ପାର୍ଶ୍ୱରେ ଅଚଳ ଜେସିବି ମେସିନକୁ ଧକ୍କା ଦେଇ ଗୁରୁବାର ଗୁରୁତର ହୋଇଥିବା ବାଇକ ଆରୋହୀ ଗୋପୀନାଥ ହନ୍ତାଳ (୨୧)ଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ନନ୍ଦପୁର ପୋଲିସ ଗାଡ଼ି ଠିକ ସମୟରେ ଯୁବକଙ୍କୁ କୋରାପୁଟ ଏସ୍‌ଏଲ୍‌ଏନ୍‌ଏମ୍‌ସି ପହଞ୍ଚାଇଥିଲା। କିନ୍ତୁ ସେଠାରୁ ଡାକ୍ତର ଯୁବକଙ୍କୁ ବ୍ରହ୍ମପୁର ଏମ୍‌କେସିଜି ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ବ୍ରହ୍ମପୁର ନେଉଥିବା ବେଳେ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଛି। ଏମକେସିଜି ଡାକ୍ତର ଗୋପୀନାଥଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଗୋପୀନାଥଙ୍କ ୨ ପୁଅଝିଅ ରହିଛନ୍ତି। ସେମାନଙ୍କ ଜୀବନଜୀବିକା ନେଇ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ପୋଲିସ ଜେସିବି ମେସିନ ଓ ବାଇକ ଜବତ କରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ତ୍ରିନାଥ ତୋଟାପାଡିଆ ସୂଚନା ଦେଇଛନ୍ତି।

**ଜେସିବିକୁ ଧକ୍କା ଦେଇ ଗୁରୁତର ବାଇକ ଆରୋହୀଙ୍କ ମୃତ୍ୟୁ**

ଯୁବକଙ୍କ ମୃତଦେହ ନନ୍ଦପୁରରେ ପହଞ୍ଚିବା ପରେ ପରିବାର ଲୋକେ ଆମ୍ବୁଲାନ୍ସକୁ ଥାନା ସମ୍ମୁଖରେ ରଖି କ୍ଷତିପୂରଣ ଦାବି କରିଥିଲେ। ଏଥିଯୋଗୁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଥାନାଧିକାରୀ ମୃତକଙ୍କ ପରିବାର ଲୋକ ଓ ସରପଞ୍ଚ ପ୍ରହଲ୍ଲାଦ ମୁଦୁଲିଙ୍କ ଉପସ୍ଥିତିରେ ନନ୍ଦପୁର ତହସିଲଦାର ଓ ଜେସିବି ମାଲିକଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ତହସିଲଦାର ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରି ରେଡକ୍ରସ ସହାୟତା ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଜେସିବି ମାଲିକ ଶନିବାର ଥାନାକୁ ଆସି ପରିବାର ଲୋକଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଲୋକେ ପ୍ରତିବାଦରୁ ଓହରିଥିଲେ। ମୃତଦେହ ଛେଲିଆମୁଣ୍ଡା ଗ୍ରାମକୁ ନିଆଯାଇଥିବା ଜଣାପଡ଼ିଛି।

## ପାର୍ଲାମେଣ୍ଟରେ ଡେଙ୍ଗାଜାନିଗୁଡ଼ା ସମସ୍ୟା ରଖିଲେ ଏମ୍‌ପି

**କୋରାପୁଟ,୨୭।୩(ଅମିତାଭ ବେହେରା)**


ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା।

କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା ପାର୍ଲାମେଣ୍ଟର ଶୂନ୍ୟକାଳ ସମୟରେ କୋରାପୁଟ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଡେଙ୍ଗାଜାନିଗୁଡ଼ା ଗାଁର ସମସ୍ୟା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନାଲକୋ ରେଡମଡ ପଣ୍ଡ ଓ ଆସ୍ ପଣ୍ଡ ଦ୍ୱାରା ପ୍ରଭାବିତ ଦଶମନ୍ତପୁର ବ୍ଲକର ମୁଜାଙ୍ଗ ପଞ୍ଚାୟତ ଅଧୀନ ଡେଙ୍ଗାଜାନିଗୁଡ଼ାରେ ପ୍ରାଥମିକ ମୌଳିକ ସୁବିଧାର ଅଭାବ, ଯାତାୟାତ ଅସୁବିଧା, ପିଇବା ପାଣି ସମସ୍ୟା ଓ ଅନ୍ୟ ସମସ୍ୟା ଆଦି ରହିଥିବା ବେଳେ ଦାମନଯୋଡ଼ି ନାଲକୋ କର୍ତ୍ତୃପକ୍ଷ ନୀରବ ରହିଥିବା ଏମ୍‌ପି ଅଭିଯୋଗ କରିଛନ୍ତି। କେନ୍ଦ୍ର ଖଣି ମନ୍ତ୍ରୀ ଏହା ଉପରେ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି। ଏହି ଅବସରରେ ଦାମନଯୋଡି ନାଲକୋ ଡେଙ୍ଗାଜାନିଗୁଡା ଗ୍ରାମକୁ ବିସ୍ଥାପିତ ଗ୍ରାମ ଘୋଷଣା ସହ ପ୍ରତି ପରିବାରକୁ ଚାକିରୀ ଦେବାକୁ ନେଇ ପାର୍ଲିଆମେଣ୍ଟରେ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାନୁଯାୟୀ, ନାଲକୋ ଦ୍ୱାରା ପ୍ରଭାବିତ ଡେଙ୍ଗାଜାନିଗୁଡା ଗ୍ରାମର ସମସ୍ୟା ନେଇ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟରେ ଖବର ପ୍ରକାଶ ପାଇଥିଲା। ଏହି ରିପୋର୍ଟ ନେଇ ଜାତୀୟ ମାନବିକ ଅଧିକାର କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଗ୍ରାମୀଣ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଅତିଥିଙ୍କ ସହ ଖେଳାଳିମାନେ ।

**ଦାମନଯୋଡି,୨୭।୩(ନରସିଂହ ବ୍ରହ୍ମା)**

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ବେହେରାଗୁଡ଼ାରେ ନାଲ୍‌କୋ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ରାଷ୍ଟ୍ରଦୀପର ସହଯୋଗରେ ୨ଦିନିଆ ଗ୍ରାମୀଣ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୪୮ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଲିଟିଗୁଡ଼ା ଓ ଚଡଗାଁ ମଧ୍ୟରେ ଖେଳାଯାଇଛି। ଲିଟିଗୁଡ଼ା ୧-୦ ଗୋଲରେ ବିଜୟୀ ହୋଇ ଟ୍ରଫି ହାସଲ କରି ୧୫ ହଜାର ଟଙ୍କାର ପୁରସ୍କାର ପାଇଛନ୍ତି। ଚଡଗାଁ ଟିମ୍ ରନର୍ସ ଅପ ଟ୍ରଫି ସହ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପାଇଛନ୍ତି। ଉତ୍ସବରେ ମୁଖ୍ୟ ଅତିଥି ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତି ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଟୁର୍ନାମେଣ୍ଟରେ ନାଲ୍‌କୋ ବରିଷ୍ଠ ଅଧିକାରୀ ସୁଗତ ଆନନ୍ଦ ବସୁ, ନାଲ୍‌କୋ କ୍ରୀଡ଼ା ବିଭାଗ ଅଧିକାରୀ ଅରୁଣ କୁମାର ମହାନ୍ତି, ସେମିଳିଗୁଡା ତହସିଲଦାର ଦେବବ୍ରତ କରାତି, ସେମିଳିଗୁଡା ବିଡିଓ ଜସ୍ମିନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜଳେନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ସାଂସ୍କୃତିକ ଅନୁଷ୍ଠାନର ବିଶ୍ୱ ନାଟକ ଦିବସ ପାଳନ

**ଜୟପୁର,୨୭।୩(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ନାଗରିକ ସମିତିରେ ବିଶ୍ୱ ନାଟକ ଦିବସ ଶୁକ୍ରବାର ପାଳିତ ହୋଇଛି। ନାଟକ ଦିବସର ଆଭିମୁଖ୍ୟ ଜଣାଇ ସମାଜର ଉନ୍ନତିରେ ନାଟକର ଭୂମିକା ନେଇ ଆଲୋଚନା କରାଯାଇଥିଲା। ଏଥିରେ ଆବାହକ ନିରଞ୍ଜନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ନାଟକ ମନୁଷ୍ୟ ମନରେ ଖୁସି ପ୍ରଦାନ ସହ ସମାଜର ହିତ ସାଧନ ପାଇଁ ବାର୍ତ୍ତା ପ୍ରଦାନ କରିପାରିଲେ ଏହି ଦିବସର ଆଭିମୁଖ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ବରିଷ୍ଠ ନାଟ୍ୟକାର ଉଦୟ ଶଙ୍କର ଯାନୀ, ଗୋପାଳ ସାମନ୍ତରାୟ, ପ୍ରକାଶ ମହାନ୍ତି, ସାହିତ୍ୟିକ ଲକ୍ଷ୍ମୀକାନ୍ତ ପାଢ଼ୀ, ଏମ୍‌ଡି ସରିଫ, ରବି ପାତ୍ର, ସୁରେଶ ହୋତା, ଡ଼. ଗାୟତ୍ରୀ ଦେବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜୟପୁର କଳାର କେନ୍ଦ୍ର ବୋଲି ମତ ପ୍ରକାଶ କରିଥିଲେ। ଜଗନ୍ନାଥ ସଂସ୍କୃତି ଓ ନାଟକର ସମ୍ପର୍କ ବିଷୟରେ ବୁଝାଇଥିଲେ। ଜୟପୁର ଆକାଶବାଣୀ ଓ ନାଟକର ଭୂମିକା ନେଇ ଆଲୋଚନା ହୋଇଥିଲା। ଅନିଲ ଜେନା ଧନ୍ୟବାଦ ଦେଇଥିଲେ। ଆଗାମୀ ନାଟକ ମୋତେ ବଞ୍ଚିବାକୁ ଦିଅ, ପ୍ରତୀକ୍ଷା, ଛାମୁ ଯାହାଦେଲେ ହରଷେ ମଞ୍ଚାସୀନ ହେବ ବୋଲି କୁହାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଶ୍ରୀରାମନବମୀ ପାଳିତ

**ବନ୍ଧୁଗାଁ,୨୭।୩(ବେଣୁଧର ଲାବାଲା)**

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକରେ ଶ୍ରୀରାମଙ୍କ ଜନ୍ମୋତ୍ସବ ଅବସରରେ ଶତାଧିକ ମହିଳା ଗେରୁଆ ବସ୍ତ୍ର ପରିଧାନ କରି ଶୋଭାଯାତ୍ରା କରିଛନ୍ତି। ମହିଳାମାନେ ମୁଣ୍ଡରେ କଳସ ଧରି ନୀଳାବାଡି ନଦୀରୁ ପାଣି ସଂଗ୍ରହ କରି ଅଗ୍ନି ଗଙ୍ଗାମା ମଣ୍ଡପରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଏହାକରେ ଶୋଭାଯାତ୍ରା ବାହାରିଥିଲା। ଶତାଧିକ ମହିଳା ପୁରୁଷ ଜୟ ଶ୍ରୀରାମ ଓ ରାମ ଲଲାଙ୍କ ଜୟଗାନ କରିଥିଲେ। ହାତରେ ହନୁମାନଙ୍କ ପତାକା ଧରି ପୁରୁଷମାନେ ବାଇକ ଯୋଗେ ବନ୍ଧୁଗାଁ ଜଗନ୍ନାଥ ମନ୍ଦିରରୁ ନିଳାବାଡି ମଣ୍ଡପ ଯାଏ ରାଲି କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଉତ୍ସବରେ ଜନସମାଗମ ଦେଖିବାକୁ ମିଳିଥିଲା।

## ଗୋରୁ ବୋଝେଇ ୨ ଗାଡ଼ି ଜବତ: ୨ ଡ୍ରାଇଭର ଗିରଫ

**ସୁନାବେଡ଼ା/ସେମିଳିଗୁଡ଼ା/ ନନ୍ଦପୁର, ୨୭।୩ (କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼/ତୁଷାରକାନ୍ତ ମହାନ୍ତି)**

କୋରାପୁଟ ଜିଲା ସେମିଳିଗୁଡ଼ା ଥାନା ପୋଲିସ ଗୋରୁ ବୋଝେଇ ୨ ଗାଡ଼ି ଜବତ ସହ ୨ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ସେମିଳିଗୁଡ଼ା ଥାନାଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି। ସେମାନେ ହେଲେ ରାମଚନ୍ଦ୍ର ବେହେରା(୩୯) ଓ ଆହାସ ନାଗ(୧୯)। ସୂଚନାନୁଯାୟୀ, ସେମିଳିଗୁଡ଼ା ଥାନା ଏସ୍‌ଆଇ ପ୍ରଫୁଲ୍ଲ କୁମାର ପାତ୍ର, ଏଏସ୍‌ଆଇ ବିରଞ୍ଚି ବାଣ୍ଡଆ ଓ ସହକର୍ମୀ ଗୁରୁବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିଲେ। ୨୬ ନମ୍ବର ଜାତୀୟ ରାଜପଥ ଦେଇ ଆନ୍ଧ୍ର ପ୍ରଦେଶକୁ ଗୋରୁ ଚାଲାଣ ହେଉଥିବା ୨ ପିକ୍‌ଅପ୍(ଏପି ୩୯-ୟୁଏକ୍ସ-୪୩୭୬ ଓ ସିଜି୪-କ୍ୟୁଏମ୍-୩୨୪୩) ଭ୍ୟାନକୁ ସେମିଳିଗୁଡ଼ା ବ୍ଲକ୍ କଲୋନି ନିକଟରେ ଅଟକାଇଥିଲେ। ଯାଞ୍ଚ କରିବାରୁ ସେଥିରେ ୧୨ ଗାଈ ମୁମୂର୍ଷୁ ଅବସ୍ଥାରେ ଥିବା ଦେଖିଥିଲେ। ୨ ଗାଡିକୁ ଜବତକରି ସମସ୍ତ ଗୋରୁଙ୍କୁ ଉଦ୍ଧାର କରି ନନ୍ଦପୁର ବ୍ଲକ ଖୁର୍ଜୀ ପଞ୍ଚାୟତ ଭଟାବିର ରାସ୍ତାକଡ଼ର ଇଟାଭାଟିକୁ ଅଣାଯାଇଥିଲା। ନନ୍ଦପୁର ବିଡିଓ ଯଶୋବନ୍ତ କୁମୁଟିଙ୍କ ନେତୃତ୍ୱାଧୀନ ଭ୍ରାମ୍ୟମାଣ ପ୍ରାଣି ଚିକିତ୍ସା ଦଳ, ବ୍ଲକ ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ସାମାଜିକ କର୍ମୀ ପ୍ରଦୀପ୍ତ ମିଶ୍ର, ଇଟାଭାଟି ମାଲିକଙ୍କ ଉପସ୍ଥିତିରେ ଚିକିତ୍ସା କରାଯାଇଥିଲା। ଇଟାଭାଟି ମାଲିକ ଗୋରୁଙ୍କ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରିଛନ୍ତି। ଚିକିତ୍ସା ବେଳେ ଏକ ଗୋରୁର ମୃତ୍ୟୁ ହୋଇଛି। ବଳକା ୧୧ ସୁସ୍ଥ ରହିଛନ୍ତି। ଏ ନେଇ ସେମିଳିଗୁଡ଼ା ଥାନା ନଂ.୪୩/୨୬ରେ ଏକ ମାମଲା ରୁଜୁ ହୋଇଛି। ଅତିରିକ୍ତ ଥାନାଧିକାରୀ ପୂର୍ଣ୍ଣିମା ତିର୍କୀ ତଦନ୍ତ ଜାରି ରଖିଛନ୍ତି।


ଗୋରୁ ବୋଝେଇ ଟ୍ରକ।

## ବନ ସୁରକ୍ଷା ସମିତି ନିର୍ମାଣରେ ଅବହେଳା ଅଭିଯୋଗ

**କୁନ୍ଦୁରା,୨୭।୩(ସନ୍ତୋଷ ପ୍ରହରାଜ)**


ନିର୍ମାଣ ହୋଇଥିବା ବନ ସୁରକ୍ଷା ସମିତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ବନ ସୁରକ୍ଷା ସମିତି ଗୃହ ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶାସନ ପକ୍ଷରୁ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ୨୦୨୪/୨୫ ଆର୍ଥିକ ବର୍ଷରେ ଆସନା ପଞ୍ଚାୟତ ସଦର ମହକୁମାରେ ୮ ଲକ୍ଷ ୫୦ ହଜାର ଟଙ୍କା ଅଟକଳରେ ନିର୍ମାଣ ନେଇ କାର୍ଯ୍ୟାଦେଶ ହୋଇଛି। କିନ୍ତୁ ଏଥିରେ ବ୍ୟତିକ୍ରମ କରି କେତେଜଣ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ପ୍ରରୋଚନାରେ ଫୁଲଭଟ୍ଟା ପଞ୍ଚାୟତ ଡୁଡୁଙ୍ଗପଦରରେ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ତତ୍କାଳୀନ ବିଡିଓ କପିଳେଶ୍ୱର ତାଣ୍ଡି, ଏଇଇ ସ୍ୱରୂପ ରଞ୍ଜନ ସାହୁ ଓ କନିଷ୍ଠ ଯନ୍ତ୍ରୀ ଭାନୁମତି ଗୁଡୁଙ୍କ ନାମରେ ଥିବା କାର୍ଯ୍ୟାଦେଶରେ ଏଭଳି ଭୁଲ କରାଯାଇଥିବା ଦେଖିବାକୁ ମିଳିଛି। କୁନ୍ଦୁରା ବନ ବିଭାଗ ଅଧୀନରେ କାର୍ଯ୍ୟରତ ଅଧିକାରୀମାନେ ଚିହ୍ନଟ କରିଥିବା ସ୍ଥାନ ସରକାରଙ୍କ ନିକଟରେ ଭିଏସଏସ କୋଠା ନିର୍ମାଣ ନେଇ ଜଣାଇଛନ୍ତି ସେ ହିସାବରେ କରାଯାଉଥିବା ବିଡିଓ ପି.ମନସ୍ମିତା କହିଛନ୍ତି। କିନ୍ତୁ ବନାଞ୍ଚଳ ରେଞ୍ଜର କିମ୍ବା ଫରେଷ୍ଟର ଏ ବିଷୟରେ ଅବଗତ ନ ଥିବା ସୂଚନା ଦେଇଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଆସନା ଗ୍ରାମବାସୀ ବିଡିଓଙ୍କୁ ଭେଟି ଆଲୋଚନା କରିଛନ୍ତି। କିନ୍ତୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିବାରୁ ସୋମବାର ଜିଲାପାଳଙ୍କୁ ଭେଟିବୁ ବୋଲି ସୂଚନା ଦେଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଏହି ଉପାନ୍ତ ଅଞ୍ଚଳକୁ ଜାଣିଶୁଣି ପଛକୁ ଠେଲିବା

**ଆସନା ବଦଳରେ ଫୁଲଭଟ୍ଟାରେ ହୋଇଛି ନିର୍ମାଣ**

ଉଦ୍ଦେଶ୍ୟରେ ପ୍ରଶାସନ ଏଭଳି ଉଦ୍ୟମ କରୁଥିବା ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ କହିଛନ୍ତି। କାର୍ଯ୍ୟରତ ସରପଞ୍ଚ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱ ଦେଇଥିଲେ ଏଭଳି ହାତଛଡା ହୋଇପାରିନଥାନ୍ତା ବୋଲି ଆସନା ଗ୍ରାମବାସୀ କହିଛନ୍ତି। କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତକୁ ଜିଲା, ବ୍ଲକ ପ୍ରଶାସନ ଅଣଦେଖା କରୁଥିବା ସେମାନେ କହିଛନ୍ତି। ବର୍ଷେ ହେବ ଏହି ଅଞ୍ଚଳରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇ ନ ଥିବା ସୂଚନା ଦେଇଛନ୍ତି। କାର୍ଯ୍ୟ ଆରମ୍ଭ ହେବା ସମୟରେ ସାଇନ ବୋର୍ଡ କରାଯାଇ ନ ଥିଲା ଓ ଗୃହ କାର୍ଯ୍ୟ ସାରିବା ପରେ କରାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏଥିଯୋଗୁ ଅଞ୍ଚଳବାସୀ ଜାଣିପାରି ନ ଥିବା କହିଛନ୍ତି।

